# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**09 June - 2024**

**News Editor : *Itishree Singh Rathaur***

*********************************

## ମୁଖ୍ୟ ସମ୍ବାଦ

- ଦେଶର ପ୍ରଧାନମନ୍ତ୍ରୀ ଭାବେ ତୃତୀୟଥର ପାଇଁ ଆଜି ଶପଥ ନେବେ ଏନ.ଡି.ଏ ସଂସଦୀୟ ଦଳର ନେତା ନରେନ୍ଦ୍ର ମୋଦୀ

- ଆସନ୍ତା ୧୨ତାରିଖରେ ଅନୁଷ୍ଠିତ ହେବ ରାଜ୍ୟର ନୂଆ ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ ସମାରୋହ ।

— ୧୧ତାରିଖରେ ବିଧାୟକ ଦଳର ବୈଠକ

- ପ୍ରକାଶ ପାଇଲା ଯୁଗ୍ମ ପ୍ରବେଶିକା ପରୀକ୍ଷା ଫଳ: କୃତକାର୍ଯ୍ୟ ହେଲେ ୪୮ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ

ଏବଂ

- ଆସନ୍ତା ୨୪ଘଣ୍ଟା ମଧ୍ୟରେ ଘଡଘଡି ସହ ବର୍ଷା ହେବା ନେଇ ୧୫ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କଲା ପାଣିପାଗ କେନ୍ଦ୍ର

## ନୂଆ ସରକାର - ଶପଥ ଗ୍ରହଣ

ଜାତୀୟ ଗଣତାନ୍ତ୍ରିକ ମେଣ୍ଟ - ଏନ୍.ଡି.ଏ.ର ସଂସଦୀୟ ଦଳ ନେତା ନରେନ୍ଦ୍ର ମୋଦି ଆଜି ତୃତୀୟ ଥରପାଇଁ ଦେଶର ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ । ରାଷ୍ଟ୍ରପତି ଭବନରେ ଆଜି ସନ୍ଧ୍ୟା ୭ଟା ୧୫ ମିନିଟ୍‌ରେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ । ଏଥିରେ ଶ୍ରୀ ମୋଦୀ ଏବଂ କେନ୍ଦ୍ର ମନ୍ତ୍ରିମଣ୍ଡଳର ନୂତନ ସଦସ୍ୟଗଣଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶପଥ ପାଠ କରାଇବେ। ପୂର୍ବରୁ ବରିଷ୍ଠ ବିଜେପି ନେତା ନରେନ୍ଦ୍ର ମୋଦୀ ସାକ୍ଷାତ୍ କରି ରାଷ୍ଟ୍ରପତିଙ୍କ ନିକଟରେ ନୂଆ ସରକାର ଗଠନ ପାଇଁ ଦାବି ଉପସ୍ଥାପନ କରିଥିଲେ ।

ସୂଚନା ଅନୁସାରେ ଶପଥ ଗ୍ରହଣ ସମାରୋହରେ ଯୋଗଦେବା ପାଇଁ ପଡ଼ୋଶୀ ଦେଶ ନେତାମାନେ ଆସି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ବାଂଲାଦେଶର ପ୍ରଧାନମନ୍ତ୍ରୀ ଶେଖ ହାସିନା, ଶ୍ରୀଲଙ୍କା ରାଷ୍ଟ୍ରପତି ରାନିଲ୍ ବିକ୍ରମାସିଙ୍ଗେ, ମାଳଦ୍ୱୀପର ରାଷ୍ଟ୍ରପତି ଡକ୍ଟର ମହମ୍ମଦ ମୋଇଜ୍ଜୁ, ମରିସସ୍‌ର ପ୍ରଧାନମନ୍ତ୍ରୀ ପ୍ରବୀନ କୁମାର ଜୁଗନୌଥ, ନେପାଳର ପ୍ରଧାନମନ୍ତ୍ରୀ ପୁଷ୍ପକମଳ ଦହଲ, ଭୁଟାନ୍‌ର ପ୍ରଧାନମନ୍ତ୍ରୀ ଶେରିଙ୍ଗ୍ ଟୋବ୍‌ଗେ ପ୍ରମୁଖ ଶପଥ ଗ୍ରହଣ ସମାରୋହରେ ଯୋଗଦେବେ ।

ପ୍ରଧାନମନ୍ତ୍ରୀଭାବେ ଶପଥ ଗ୍ରହଣ କରିବା ପୂର୍ବରୁ ଶ୍ରୀମୋଦୀ ନୂଆଦିଲ୍ଲୀ ସ୍ଥିତ ରାଜଘାଟରେ ମହାତ୍ମା ଗାନ୍ଧୀ ଓ ସଦୈବ ଅଟଳରେ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସମାଧିରେ ଶ୍ରଦ୍ଧାସୁମନ ଅର୍ପଣ

କରିଛନ୍ତି । ଏହା ଛଡା ସେ ଜାତୀୟ ଯୁଦ୍ଧ ସ୍ମାରକୀରେ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଛନ୍ତି ।

## ଆଞ୍ଚଳିକ ସମ୍ବାଦ

ପ୍ରଧାନମନ୍ତ୍ରୀଙ୍କର ଶପଥ ଗ୍ରହଣ ସମାରୋହକୁ ଆକାଶବାଣୀ କଟକ କେନ୍ଦ୍ର ପକ୍ଷରୁ  ଆଜି ସନ୍ଧ୍ୟା ୬ଟା ୪୫ମିନିଟ୍‌ରୁ ଓଡ଼ିଆ ଭାଷାରେ ସିଧା ପ୍ରସାରଣ କରାଯିବ । ଏହି କ୍ରମରେ ଆଜିର ସନ୍ଧ୍ୟା ଆଞ୍ଚଳିକ ସମ୍ବାଦ ୬ଟା ୪୫ ପରିବର୍ତ୍ତେ, ସନ୍ଧ୍ୟା ସାଢ଼େ ୬ଟାରେ ପ୍ରସାରଣ କରାଯିବ ।

## ଓଡ଼ିଶା ମୁଖ୍ୟମନ୍ତ୍ରୀ-ଶପଥଗ୍ରହଣ

ରାଜ୍ୟର ନୂଆ ମୁଖ୍ୟମନ୍ତ୍ରୀ ଚୟନ ନେଇ ବିଜେପି ସଂସଦୀୟ ବୋର୍ଡରେ ଚୂଡାନ୍ତ ନିଷ୍ପତ୍ତି ହେବ । ତେବେ ଏହି କାର୍ଯ୍ୟକ୍ରମରେ କିଛି ପରିବର୍ତ୍ତନ ହୋଇଛି  । ଆସନ୍ତାକାଲି  ପରିବର୍ତ୍ତେ ୧୨ତାରିଖରେ ନୂଆ ମୁଖ୍ୟମନ୍ତ୍ରୀ ଶପଥ ନେବେ ବୋଲି ବିଜେପି ମୁଖପାତ୍ର ଜତିନ୍ ମହାନ୍ତି  ସୂଚନା ଦେଇଛନ୍ତି। ୧୧ତାରିଖରେ  ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇ ଏଥିରେ ମୁଖ୍ୟମନ୍ତ୍ରୀଙ୍କ ନାଁ ଘୋଷଣା କରାଯିବ। ଇତିମଧ୍ୟରେ ୨ଜଣ ବିଜେପି ନେତା ମଧ୍ୟପ୍ରଦେଶର ଗ୍ରାମ୍ୟଉନ୍ନୟନ ମନ୍ତ୍ରୀ ବିଶ୍ୱାସ କୈଳାସ ସାରଙ୍ଗ ଏବଂ ମଧ୍ୟପ୍ରଦେଶ ବିଜେପିର ପୂର୍ବତନ ସଂଗଠନ ମନ୍ତ୍ରୀ ଆଶୁତୋଷ ତିୱାରୀ ଭୁବନେଶ୍ୱରଠାରେ ପହଞ୍ଚି ଶପଥଗ୍ରହଣ କାର୍ଯ୍ୟକ୍ରମ ତଦାରଖ କରୁଛନ୍ତି ।

## ପୁନଃ ନିଯୁକ୍ତି ତଥ୍ୟ

ରାଜ୍ୟର ବିଭିନ୍ନ ବିଭାଗରେ ଅବସର ପରେ ପୁନଃ ନିଯୁକ୍ତି ପାଇଥିବା କର୍ମଚାରୀମାନଙ୍କ ତଥ୍ୟ ଜଣାଇବା ଲାଗି ଗୃହ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଏକ ନିର୍ଦ୍ଦିଷ୍ଟ ଫର୍ମାଟରେ ସମ୍ପୃକ୍ତ କର୍ମଚାରୀଙ୍କ ନାମ, ପଦବୀ, ବିଭାଗ ନାମ, ପୁନଃ ନିଯୁକ୍ତି ସମୟ ଏବଂ ଅବଧି ତଥା ଦରମା ସମ୍ପର୍କରେ ଜଣାଇବାକୁ ସୂଚନା ଦିଆଯାଇଛି । ରାଜ୍ୟ ଗୃହ ବିଭାଗର ଓଏସ୍‌ଡିଙ୍କ ପକ୍ଷରୁ ଏ ସମ୍ପର୍କରେ ପୁଲିସ ମହାନିର୍ଦ୍ଦେଶକ, ନୂଆଦିଲ୍ଲୀ ସ୍ଥିତ ଓଡିଶା ଭବନ, ସିଇଓ, ଅଗ୍ନିଶମ ବିଭାଗ ମହାନିର୍ଦ୍ଦେଶକ, ଗୁଇନ୍ଦା ନିର୍ଦ୍ଦେଶକ, ଜେଲ ମହାନିର୍ଦ୍ଦେଶକ, ଓଡିଶା ପୁଲିସ ଗୃହ ନିର୍ମାଣ ଓ କଲ୍ୟାଣ  ନିଗମ, ଓଡିଶା ହାଇକୋର୍ଟ ରେଜିଷ୍ଟ୍ରାର, ଜୁଡିସିଆଲ ଏକାଡେମୀ ନିର୍ଦ୍ଦେଶକ, ପବ୍ଲିକ ପ୍ରସିକ୍ୟୁସନ ନିର୍ଦ୍ଦେଶକ, ରାଜ୍ୟ ସୈନିକ ବୋର୍ଡ ସଚିବ ତଥା ରାଜ୍ୟ ଅତିଥିଭବନର ମହାପ୍ରବନ୍ଧକଙ୍କୁ ପତ୍ର ଲେଖାଯାଇଥିବା ଜଣାଯାଇଛି ।

## ଜେଇଇ ଆଡଭାନ୍ସ ରେଜଲ୍ଟ

ଯୁଗ୍ମ ପ୍ରବେଶିକା ପରୀକ୍ଷା-ଜେଇଇ ଆଡଭାନ୍ସ-୨୦୨୪ର ଫଳାଫଳ ଆଜି ପ୍ରକାଶ ପାଇଛି । ଏଥିରେ ମୋଟ ୪୮ହଜାର ୨୪୮ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି । ଆଇଆଇଟି ଦିଲ୍ଲୀ ଜୋନର ବେଦ ଲାହୋଟି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ।  ଏହି ଫଳାଫଳକୁ ଛାତ୍ରଛାତ୍ରୀ ଆଇଆଇଟି ଜେଇଇ ଆଡଭାନ୍ସର ୱେବସାଇଟ୍ ***WWW.jeeadv.ac.in*** ରେ

ଦେଖିପାରିବେ । ଆସନ୍ତା ୧୦ତାରିଖଠାରୁ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ କାଉନସେଲିଂ ଜରିଆରେ ଦେଶର ୨୩ଟି ଆଇଆଇଟିରେ ନାମ ଲେଖାଇପାରିବେ ।

## ଶୀତଲଷଷ୍ଠୀ

ସମ୍ବଲପୁରର ପ୍ରସିଦ୍ଧ ଶୀତଲଷଷ୍ଠୀ ଯାତ୍ରା ପାଇଁ ଦେବଦମ୍ପତିଙ୍କ ବିବାହ କାର୍ଯ୍ୟ ନିମନ୍ତେ ଗତକାଲି ପତରପେଣ୍ଡୀ ପରମ୍ପରା ସମ୍ପନ୍ନ ହୋଇଛି । ଆସନ୍ତାକାଲି ବରାନୁଗମନ ହେବ। ଶୀତଲଷଷ୍ଠୀ ଯାତ୍ରା ପାଇଁ ସମ୍ବଲପୁର ସହର ଉତ୍ସବ ମୁଖରିତ ହୋଇଛି । ଏ ସମ୍ପର୍କରେ ଆମ ସମ୍ବଲପୁର ସମ୍ବାଦଦାତା ଗୁଣମଣି ବିଶ୍ୱାଳଙ୍କ ରିପୋର୍ଟ -

## - V/O -

## ଶୀତଲଷଷ୍ଠୀ-ଭଦ୍ରକ

ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ଆରଡିର ବାବା ଆଖଣ୍ଡଳମଣିଙ୍କ ପୀଠରେ ଶୀତଳ ଷଷ୍ଠୀ ପାଇଁ ଜିଲ୍ଲା ପ୍ରଶାସନ ଓ ମନ୍ଦିର ଟ୍ରଷ୍ଟ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଏଥିପାଇଁ ଆରଡି ପୀଠରୁ ବାବା ଆଖଣ୍ଡଳମଣି ଓ ମା’ ପାର୍ବତୀଙ୍କ ନିମନ୍ତ୍ରଣପତ୍ର ଆଜି ଯାଜପୁରର ମା’ ବିରଜା ଏବଂ ଭଦ୍ରକର ମା’ ଭଦ୍ରକାଳୀଙ୍କ ପୀଠରେ ପହଞ୍ଚି ନିମନ୍ତ୍ରଣ କରାଯାଇଛି । ଏଥି ସହିତ ଗୁଆ ମଙ୍ଗୁଳା କାର୍ଯ୍ୟ ଶିବପାର୍ବତୀଙ୍କ ପରିବାର

ପକ୍ଷରୁ ଦେବତା, ପୂଜକ ଏବଂ ଗ୍ରାମବାସୀଙ୍କୁ ନିମନ୍ତ୍ରଣ କାର୍ଯ୍ୟ ମଧ୍ୟ ସମ୍ପନ୍ନ ହୋଇଛି ।

## ଶ୍ରୀମନ୍ଦିର-ନାଟମଣ୍ଡପ କାର୍ଯ୍ୟ ଅନୁଧ୍ୟାନ

ପୁରୀ ଶ୍ରୀମନ୍ଦିର ପାଇଁ ହାଇକୋର୍ଟଙ୍କ ପକ୍ଷରୁ ନିଯୁକ୍ତ ଆମିକସ୍ କ୍ୟୁରୀ, ଏନ୍.କେ. ମହାନ୍ତି ଗତକାଲି ପୁରୀରେ ଆଲୋକୀକରଣ କାର୍ଯ୍ୟ ସହ ନାଟମଣ୍ଡପ ବିମ୍ ମରାମତି କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି । ଏହି ଅବସରରେ ସେ କହିଛନ୍ତି ଏଏସ୍ଆଇ ପକ୍ଷରୁ ଚାଲିଥିବା ନାଟମଣ୍ଡପର ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ପୂର୍ବରୁ ଜଗମୋହନ ମରାମତି କାର୍ଯ୍ୟ ଶେଷ ହୋଇଥିଲା । ଆଗାମୀ ଦିନରେ ଏଏସ୍ଆଇ ଏହାର ସଂରକ୍ଷଣ କାର୍ଯ୍ୟ କରିବ । ସୂଚନା ଅନୁସାରେ ଶ୍ରୀମନ୍ଦି ଚତୁଃପାର୍ଶ୍ୱରେ ଫୋକସ୍ ଲାଇଟ୍ ବନ୍ଦ ହୋଇଥିବା ଜାଣି ସେ ଉଦ୍‌ବେଗ ପ୍ରକାଶ କରିଥିଲେ । ଏହାସହ ଶ୍ରୀ ମହାନ୍ତି ପୁନଃ ଆଲୋକୀକରଣ ନେଇ ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା କରିଥିଲେ ।

## ରଥ ନିର୍ମାଣ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ତିନିରଥର ୪୨ଚକ ନିର୍ମାଣ ଶେଷ ହୋଇଛି । ଶ୍ରୀ ନଅର ସ୍ଥିତ ଅସ୍ଥାୟୀ ରଥଖଳାରେ ରଥର ପାଟଦଣ୍ଡା ଚଉପଟ କାର୍ଯ୍ୟ ଜାରି ରହିଛି । ତିନିରଥର ତିନି ଭୂଇଁ ପାଇଁ ୧୨ଟି ଲେଖାଏଁ ଚଉପଟ ଭୂଇଁ ଚଉତା କାଠରେ ପାଖୁଡା ବିନ୍ଧ ଆରମ୍ଭ

ହୋଇଛି । ଏଥି ସହିତ ତିନିରଥର ଚାରି ନାହାକା ନିର୍ମାଣ ପାଇଁ ରଥ ଅମିନ ଭୋଇ ସେବକଙ୍କ ସହାୟତାରେ ତିନିରଥ ଚାଳିକୁ ପ୍ରଥମ ଦଫାରେ ଦୁଇଟି ଲେଖାଏଁ ୨୦ଫୁଟିଆ ଧଉରା କାଠ ଯୋଗାଇ ଦିଆଯାଇଛି । ରୂପକାର ସେବକମାନେ କୋଣଗୁଜରେ ସିଂହ ବିଡାଳ ରୂପ ଖୋଦେଇ ସହ ପଲିସ କାର୍ଯ୍ୟ ଜାରି ରଖିଛନ୍ତି । ଦୋଳବେଦୀ ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ଗୟଳ କଣ୍ଟା, ଭୂଇଁ କଣ୍ଟା ଏବଂ ବିଡିଆ କଣ୍ଟା ଆଦି ନିର୍ମାଣ କରୁଛନ୍ତି ।

## ଅଭିଲେଖାଗାର ଦିବସ

ଅଭିଲେଖାଗାରର ଉପଯୋଗିତା ଓ କାର୍ଯ୍ୟକାରୀତା ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ଅଭିଲେଖାଗାର ଦିବସ ପାଳନ କରାଯାଉଛି । ୧୯୦୭ ମସିହା ଜୁନ୍ ୯ ତାରିଖରେ ଆନ୍ତର୍ଜାତୀୟ ଅଭିଲେଖା ପରିଷଦ ପକ୍ଷରୁ ଏହି ଦିବସ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଚଳିତବର୍ଷ 'ସାଇବର ଆର୍କାଇବ୍‌ସ' ବାର୍ତ୍ତା ନେଇ ଏହି ଦିବସ ପାଳନ କରାଯାଉଛି ।

## ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶାକୁ ପ୍ରବେଶ କରିଛି । ଏହାର ପ୍ରଭାବରେ ଗତକାଲି ମାଲକାନଗିରି ସମେତ ଦକ୍ଷିଣ ଓଡ଼ିଶାର କେତେକ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିବା ଜଣାପଡିଛି । ଆସନ୍ତା ୨୪ଘଣ୍ଟା

ମଧ୍ୟରେ ଘଡଘଡି ସହ ବର୍ଷା ହେବାର ସମ୍ଭାବନା ନେଇ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା,ନୟାଗଡ, ଗଞ୍ଜାମ, ଗଜପତି, ସମ୍ବଲପୁର, ଝାରସୁଗୁଡା, ବୌଦ୍ଧ ଏବଂ ନୂଆପଡା ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଅନ୍ୟପକ୍ଷରେ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ଗତକାଲି ସମ୍ବଲପୁର ଓ ବୌଦ୍ଧରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୦ଦଶମିକ ୫ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିଲା । ପାଣିପାଗ କେନ୍ଦ୍ର ପକ୍ଷରୁ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବା ନେଇ ୧୧ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

*********************************